## ଲଉଡ଼ି, ଓଗାଳ ପ୍ରତିଯୋଗିତା

ତିହିଡ଼ି,୨୦।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତର ଆନନ୍ଦପୁରରେ ଗିରିଗୋବର୍ଦ୍ଧନ ପୂଜା ସାଙ୍ଗକୁ ଲଉଡ଼ି ଏବଂ ଓଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗିରିଗୋବର୍ଦ୍ଧନ ପଞ୍ଚ ମୌଜା କମିଟି ପକ୍ଷରୁ ମଙ୍ଗଳବାର ଏହି ୪୮ତମ ପ୍ରତିଯୋଗିତା ହୋଇଥିଲା। ସଭାପତି ପ୍ରଦୀପ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ଯାଦବ ମହାସଂଘର ଜିଲା ଉପସଭାପତି ଗଜେନ୍ଦ୍ର ବାରିକ, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁରେଶ ମହାକୁଡ଼, ଅନ୍ୟତମ ଅତିଥି ଭାବେ ବ୍ଲକ ସଂଘ କୋଷାଧ୍ୟକ୍ଷ ଉମାକାନ୍ତ ପରିଡ଼ା ଓ ଗଙ୍ଗାଧର ପଢ଼ିଆରୀ ଯୋଗଦେଇ ପ୍ରାଚୀନ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିଯୋଗିତା ମାଧ୍ୟମ ବୋଲି କହିଥିଲେ। ବ୍ଲକ ସହସମ୍ପାଦକ ପ୍ରତାପ ମହାକୁଡ଼ ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ସନ୍ତୋଷ ଜେନା ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଅଞ୍ଚଳର ୫ ଦଳ ମଧ୍ୟରୁ ସୁରେଶ୍ୱରପୁରର ବଂଶୀବାଦକ ଦଳ ୧ମ, ଇରମ ଯାଦବ ସଂଘ ୨ୟ ଏବଂ ଖେଡୁଆଳପୁର ଯାଦବ ସଂଘ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ମଲ୍ଲିକ, ଶଶୀକାନ୍ତ କବି, ଆଲୋକ ବାରିକ, ଜଗନ୍ନାଥ ମହାକୁଡ଼, ଅନନ୍ତ ବେହେରା, କମଳାକାନ୍ତ ବେହେରା, ଲକ୍ଷ୍ମଣ ଭଞ୍ଜ, ବସନ୍ତ ମହାକୁଡ଼, ପ୍ରଭାକର ବାରିକ, ପ୍ରଦୀପ ମଲ୍ଲିକ, ଶରତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରାଫିକ୍ ନିୟନ୍ତ୍ରଣ, ଚୋରି, ଛିନ୍‌ତାଇ ରୋକିବାକୁ ଗୁରୁତ୍ୱ



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ଇଦ୍-ଉଲ୍-ଫିତର ଉପଲକ୍ଷେ ପ୍ରସ୍ତୁତି ବୈଠକ

## ୧୪୦ ମସ୍‌ଜିଦ୍‌ରେ ହେବ ନମାଜ ପାଠ

ଭଦ୍ରକ,୨୦।୩ (ସନାତନ ରାଉତ)

ଚନ୍ଦ୍ର ଦର୍ଶନ ଅନୁଯାୟୀ ଚଳିତ ମାସ ୩୧ କିମ୍ବା ଏପ୍ରିଲ ୧ରେ ପାଳନ ହେବାକୁ ଥିବା ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ଣ ସାଢ଼େ ୧୧ଟା ବେଳେ ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଟ୍ରାଫିକ୍ ନିୟନ୍ତ୍ରଣ, ଚୋରି, ଛିନ୍‌ତାଇ ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଥମେ ମୁସ୍‌ଲିମ୍ ଜମାତର ପୂର୍ବତନ ସଭାପତି ସ୍ୱର୍ଗତ ଅବଦୁଲ ବାରି, ଶାନ୍ତି କମିଟି ସଦସ୍ୟ ସ୍ୱର୍ଗତ ଅଧିବକ୍ତା ନିରାକାର ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁସ୍‌ଲିମ୍ ଜମାତର ସମ୍ପାଦକ ଅବଦୁଲ ମୋକିତ ଖାଁ ଖୁସି, ତ୍ୟାଗ, ଦାନ, ସ୍ନେହ, ଭାଇଚାରାର ପବିତ୍ର ପର୍ବ ଇଦ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳନ ହେବ ବୋଲି କହିଥିଲେ। ଇଦ୍ ପର୍ବ ପାଳନ ଦିନ ଇଦ୍‌ଗାହାରେ ସକାଳ ୭ଟାରୁ ପୂର୍ବାହ୍ଣ ୧୦ଟା ମଧ୍ୟରେ ସାମୂହିକ ନମାଜ ପାଠ ହେବ। ପର୍ବ ପାଳନ ଅବସରରେ ୧୫ରୁ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହେବାର ସମ୍ଭାବନା ଅଛି। ଇଦ୍‌ଗାହା ସହ ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳରେ ୩୭, ସହରାଞ୍ଚଳ ଥାନା ଅଞ୍ଚଳରେ ୮, ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ୧୮, ଧାମନଗରରେ ୧୭, ବାସୁଦେବପୁରରେ ୧୭, ବନ୍ତରେ ୧୦, ଧାମରାରେ ୮, ଧୁଷୁରୀରେ ୬, ତିହିଡ଼ିରେ ୫, ଆଗରପଡ଼ାରେ ୬, ପୀରହାଟରେ ୩, ଚାନ୍ଦବାଲିରେ ୩ ଓ ଭଣ୍ଡାରିପୋଖରୀରେ ୩ଟି ଜିଲାର ସମୁଦାୟ ୧୪୦ ମସ୍‌ଜିଦ୍‌ରେ ନମାଜ ପାଠ କରାଯିବ ବୋଲି ସୂଚନା ଦିଆଯାଇଛି।

ଇଦ୍‌ଗାହା ଓ ପୁରୁଣାବଜାର ଥାନାରେ ଆମ୍ବୁଲାନ୍ସ ରହିବା, ଇଦ୍‌ଗାହାରେ ପାଣି ଟ୍ୟାଙ୍କର ରଖାଯିବା ସହ ସଫେଇ, ରାତିରେ ଜଗିବାକୁ ପୋଲିସ ବ୍ୟବସ୍ଥା, ସରକାରନଗର, ପୁରୁଣାବଜାର ଅଞ୍ଚଳ, ଇଦ୍‌ଗାହାଠାରେ ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଚୋରି ଛିନ୍‌ତାଇ ରୋକିବାକୁ ଅଧିକ ସିସିଟିଭି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତା ଆଲୋକୀକରଣ, ମରାମତି, ଅବକାରୀ ଧରପଗଡ଼, ସାମାଜିକ ଗଣମାଧ୍ୟମର ଦୁରୁପଯୋଗରେ କଡ଼ା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଆଇବି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ସିଟି ଡିଏସ୍‌ପି ସମ୍ବିତ କୁମାର ମାଝୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଶାନ୍ତି କମିଟି ସଦସ୍ୟ ଅତିସ୍ ବେହେରା, ସାମାଜିକ କର୍ମୀ ସୁଧାକର ରାଉତ, ମୁସ୍‌ଲିମ୍ ଜମାତ୍‌ର ଉପସଭାପତି ସେକ୍ ଜକାଉଲ୍ଲା, ସାଧାରଣ ସମ୍ପାଦକ ସେକ୍ ଇନାମ ମହମ୍ମଦ, ସଦସ୍ୟ ହାଜି ଅନୱାର ହୋସେନ୍, ଜମିଲ ଅକତର ଖାନ୍, ଏସ୍.ଏମ୍. ଫାରୁକ୍ ପ୍ରମୁଖ ଉପସ୍ଥିତ ରହିମତାମତ ରଖିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଥାନାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଜୁନିୟର ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗୀ ପ୍ରତୀକ୍ଷାଙ୍କୁ ସମ୍ବର୍ଦ୍ଧନା

ଧୁଷୁରୀ, ୨୦।୩ (ଦୀପ୍ତି ରଞ୍ଜନ ନାୟକ)

ଲକ୍ଷ୍ନୌଠାରେ ଆସନ୍ତା ୨୭ରୁ ୩୧ ତାରିଖ ମଧ୍ୟରେ ହେବାକୁ ଥିବା ଜାତୀୟସ୍ତରୀୟ ବାଳିକା ହ୍ୟାଣ୍ଡବଲ୍ ଚମ୍ପିୟନଶିପ୍‌ରେ ଭାଗ ନେବାକୁ ଓଡ଼ିଶାରୁ ୧୮ଜଣ ଜୁନିୟର ବାଳିକା ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଧାମନଗର ବ୍ଲକର କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରତୀକ୍ଷା ଦାସ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଆସନ୍ତା ୨୪ ତାରିଖରେ ଭଦ୍ରକରୁ ଯାତ୍ରା କରିବେ। ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ଣ ୨ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତୀକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ତାଙ୍କ ସଫଳ ଯାତ୍ରା ପାଇଁ ମଙ୍ଗଳ କାମନା କରିଛନ୍ତି। ହ୍ୟାଣ୍ଡବଲ୍ କୋଚ୍ ଲକ୍ଷ୍ମୀବାଈ ଭଞ୍ଜ, ଜିଲା ସଭାପତି ସନ୍ତୋଷ କୁମାର ଦାସ, ସମ୍ପାଦକ ରତିକାନ୍ତ ନାୟକ ସମ୍ବର୍ଦ୍ଧନା ସମୟରେ ଉପସ୍ଥିତ ଥିଲେ।



ପ୍ରତିଯୋଗୀ ପ୍ରତୀକ୍ଷା ଦାସଙ୍କୁ ଜିଲାପାଳ ଦିଲୀପ କୁମାର ରାଉତରାଏ ସମ୍ବର୍ଦ୍ଧନା ଜଣାଉଛନ୍ତି।

## 'ସ୍ୱଷ୍ଟବାଦୀ ରାଜନେତା ଥିଲେ ଧନେଶ୍ୱର'

ତିହିଡ଼ି,୨୦।୩ (ସଞ୍ଜିତ ବଳ)

ଜଣେ ସ୍ୱଷ୍ଟବାଦୀ ରାଜନେତା ଥିଲେ ପୂର୍ବତନ ସରପଞ୍ଚ ଦିବଂଗତ ଧନେଶ୍ୱର ପାଣି। ସିନ୍ଦୋଳରେ ହାଇସ୍କୁଲ ପ୍ରତିଷ୍ଠା, ଦଶମୌଜା କେନାଲ ନେଇ ସଂଗ୍ରାମ କରିବା ସହ ସରପଞ୍ଚ ଥିବା ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରି ସେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ତାଙ୍କ ୪ର୍ଥ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଅନାବରଣ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ଅଧୀନ ଶାସନ ଗ୍ରାମରେ ଗୁରୁବାର ମଧ୍ୟାହ୍ନ ୧୨ଟା ବେଳେ ସଭା ଅନୁଷ୍ଠିତ ହୋଇଥିଲା। ଧନେଶ୍ୱର ପାଣି ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସମାରୋହରେ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ଦୀନବନ୍ଧୁ ପତି, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ବାବା ଭୈରବାନନ୍ଦ ସରସ୍ୱତୀ, ପଣ୍ଡିତ ଦୈତାରୀ ମହାପାତ୍ର, ଇଂ. ଅଭୟ ସୂତାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବଂଗତ ପାଣିଙ୍କ ବ୍ୟକ୍ତିତ୍ୱ ଓ ଅବଦାନ ଉପରେ କହିଥିଲେ। ସାମାଜିକ କର୍ମୀ ହରିହର ଲେଙ୍କା, ରବୀନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ପାଢ଼ୀ, ଧନେଶ୍ୱର ଖଟୁଆ, କୀର୍ତ୍ତନ ରାଉତ, ବିଶ୍ୱମୈତ୍ରୀ ନାୟକ, ଭଗବାନ ପାଢ଼ୀ, ପ୍ରସନ୍ନ କୁମାର ପାଢ଼ୀ, ସଂଗ୍ରାମ ମହାନ୍ତି, ସୂର୍ଯ୍ୟ ମିଶ୍ର, ରଞ୍ଜନ କୁମାର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ସ୍ମରଣିକା 'ଧନ୍ୟ ତୁମେ ଧନେଶ୍ୱର'କୁ ଉନ୍ମୋଚନ କରିଥିଲେ। କବି ରବି କୁମାର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଇଂ. ନୀଳାମ୍ବର ପାଣି, ହରେକୃଷ୍ଣ ପାଣି, ଅଧ୍ୟାପକ ସନ୍ତୋଷ ଦାସ, ସଂଘମିତ୍ରା ପାଣି, ସଙ୍ଗୀତାଶ୍ରୀ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## 'ସଂସ୍କୃତି, ପରମ୍ପରା, ଭାଇଚାରାର ପ୍ରତୀକ ମହୋତ୍ସବ'

ସାବରଙ୍ଗ,୨୦।୩ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ଦୋଳ ମହୋତ୍ସବର ବୁଧବାର ଥିଲା ୨ୟ ସନ୍ଧ୍ୟା। ରାତି ୮ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ସଂସ୍କୃତି, ପରମ୍ପରା, ଭାଇଚାରା ଓ ବିକାଶର ପ୍ରତୀକ ହେଉଛି ମହୋତ୍ସବ। ଜିଲାରେ ପ୍ରତିଭା ଓ ଦକ୍ଷତାର ଅଭାବ ନାହିଁ। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଏହି ଜିଲାରେ ଥିବାରୁ ଏଠାରେ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ନିଜକୁ ଭାଗ୍ୟବାନ ବୋଲି କହିବା ସହ ଭାଗ୍ୟରେ ଥିଲେ ଭଦ୍ରକ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସାମାଜିକ କର୍ମୀ ସୁରେଶ ମହାନ୍ତି, ପ୍ରଶାନ୍ତ ନାୟକ, ଲକ୍ଷ୍ମୀନାରାୟଣ ଶତପଥୀ, ସୋମନାଥ ମହାକୁଡ଼, ଭାଗୀରଥି ବଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ନୟାଗଡ଼ ଜିଲାର ଭାପୁରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଭାରତ ନାଟ୍ୟମ୍ ଓ ପାଲା ପରିବେଷଣ କରାଯାଇଥିଲା। ସାମାଜିକ କର୍ମୀ ରଶ୍ମିରଞ୍ଜନ ମହାନ୍ତି, ସୁଶାନ୍ତ କୁମାର ମହାନ୍ତି, ନରେନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଲିମେଦ ଦୋଳ ମହୋତ୍ସବର ୨ୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଓ କଳାକାର।

# ପୁରୁଣା କୋଠା ଉପରେ ଚାଲିଛି ନିର୍ମାଣ କାର୍ଯ୍ୟ



ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ଓ ଅନ୍ୟମାନେ।

### ଅସୁରକ୍ଷିତ ବ୍ୟବସାୟ ପ୍ରତିଷ୍ଠାନ

ଭଦ୍ରକ,୨୦।୩ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସହରର ଶହେ ବର୍ଷର ପୁରୁଣା କୋଠାଘର ପଣ୍ଡା ବାବୁଙ୍କ ଔଷଧ ଦୋକାନ ଉପରେ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଏହା ବିପଦସଙ୍କୁଳ। କୋଠାଘରର ତଳ ମହଲାରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ଗ୍ରାହକମାନଙ୍କ ପାଇଁ ଏହା ବିପଦ ଆଣିବ ବୋଲି ଗୁରୁବାର ମଧ୍ୟାହ୍ନ ୧୨ଟାରେ ହୋଟେଲ ଓରିଅନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ସୁଧାନିଧି ପଣ୍ଡା, ତୁଷାରେନ୍ଦୁ ପଣ୍ଡା, ଆଇନଜୀବୀ ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ସମ୍ପତ୍ତି ଉପରେ ମାଲିକାନା ଥିବା ଅନ୍ୟ ଜଣେ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଏହାକୁ ବିରୋଧ କରି ପୌରପାଳିକା, ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଦର୍ଶାଇଛନ୍ତି। ନିର୍ମାଣ କାର୍ଯ୍ୟ ବନ୍ଦ କରିବା ନିମନ୍ତେ କୋର୍ଟରେ ଆବେଦନ ପରେ ରହିତାଦେଶ ଥିଲେ ମଧ୍ୟ ଏହାକୁ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରାଯାଉଛି। ବିନା ଟାଉନ ପ୍ଲାନିଂ ଓ ପୌରପାଳିକାର ବିନା ଅନୁମତିରେ ତାହା ଉପରେ ନୂତନ ଘର ନିର୍ମାଣ କରାଯାଉଛି, ଯାହା କୋଠାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟବସାୟ ପ୍ରତିଷ୍ଠାନ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ଏହାର ଭାର ସହି ନ ପାରି କେତେବେଳେ ଯେ କୋଠା ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା କରାଯାଉଥିବା ସେମାନେ ପ୍ରକାଶ କରିଛନ୍ତି। ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ପୌରପାଳିକା ପକ୍ଷରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଶୁଭେନ୍ଦୁ ପଣ୍ଡା, ସମରେନ୍ଦୁ ପଣ୍ଡା, କୁମାରେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟର ପରିଚୟପତ୍ର ସହ ସଂଯୋଗ ହେବ ଆଧାର

ଭଦ୍ରକ,୨୦।୩ (ସନାତନ ରାଉତ)

ଭୋଟର ପରିଚୟପତ୍ର ସହ ଆଧାର କାର୍ଡ ସଂଯୋଗ କରାଯିବାକୁ ନିର୍ବାଚନ କମିଶନ ଓ ଭାରତୀୟ ସ୍ୱତନ୍ତ୍ର ପରିଚୟ ପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଅଧିକାରୀଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇ ସହମତି ପ୍ରକାଶ ପାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ କମିଶନ ଭୋଟର କାର୍ଡ ସହ ଆଧାର କାର୍ଡ ସଂଯୋଗୀକରଣ କରାଯିବ ଏବଂ ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କହିଛନ୍ତି। ଆସନ୍ତା ୩୧ ତାରିଖ ସୁଦ୍ଧା ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରାମର୍ଶ ଲୋଡ଼ିଛନ୍ତି। ଯେଉଁମାନେ ନିଜ ଭୋଟର କାର୍ଡକୁ ଆଧାର ସହ ଯୋଡ଼ିନାହାନ୍ତି। ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ ନାହିଁ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଜଣେ ବ୍ୟକ୍ତି ଆଉ ଏକାଧିକ ସ୍ଥାନରେ ଭୋଟ ଦେବାର ସମ୍ଭାବନା ଦୂର ହୋଇଯିବ ଏବଂ ନିର୍ବାଚନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହୋଇପାରିବ ବୋଲି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶ୍ରୀଗୋପାଳଜୀଉଙ୍କ ପଞ୍ଚୁଦୋଳ, ନାମଯଜ୍ଞ ଉଦ୍‌ଯାପିତ

ତିହିଡ଼ି,୨୦।୩ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହା ଗ୍ରାମରେ ଚାଲିଥିବା ପଞ୍ଚୁଦୋଳ ଓ ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୫୦ ବର୍ଷ ଧରି ଗ୍ରାମରେ ଚାଲିଥିବା ପରମ୍ପରା ଅନୁଯାୟୀ ଦୋଳ ପୂର୍ଣ୍ଣିମାଠାରୁ ଶ୍ରୀଗୋପାଳ ଜୀଉଙ୍କୁ ୭ଖଣ୍ଡ ଗ୍ରାମରେ ପରିକ୍ରମା କରାଯାଇଥିଲା। ୨ୟା ତିଥିରେ ଶ୍ରୀଜୀଉ ବଡ଼ଦଣ୍ଡ ମେଳଣରେ ଯୋଗଦେଇ ଫେରିବା ପରେ ୩ୟା ତିଥିରେ ଗ୍ରାମରେ ପଞ୍ଚୁଦୋଳ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ପରଦିନ ଅଧିବାସ ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ସରପଞ୍ଚ ସୁପ୍ରଭା ପାଣିଙ୍କ ସମେତ ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ବିଭୁ କୃପା ଲଭିଥିଲେ। ରତ୍ନାକର ନାୟକ, କରୁଣାକର ନାୟକ, ଗୟାଧର ନାୟକ, ପ୍ରକାଶ ନାୟକ, ଅଶ୍ୱିନୀ ନାୟକ, ଗୌରାଙ୍ଗ ବାରିକ, ଭାଗୀରଥି ମଲ୍ଲିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୮ ଆହତ

ସାବରଙ୍ଗ,୨୦।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଜଗନ୍ନାଥପ୍ରସାଦ ବନ୍ଧସାହି ଗାଁରେ ବୁଧବାର ଅପରାହ୍ନରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୮ଜଣ ଆହତ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୋଷ୍ଠୀ ଟେଣ୍ଟା, ଭୁଜାଲି, ବାଡ଼ିରେ ଆକ୍ରମଣ ପ୍ରତି ଆକ୍ରମଣ କରିଥିଲେ। ଗୋଟିଏ ପକ୍ଷର ଦୁଇଟି ବାଇକ୍ ସହ କବାଟ, ଝରକା ଭଙ୍ଗାରୁଜା କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ନାୟକାଣିଡିହୀ ପୋଲିସ ମୁତୟନ ରହିଛି। ଆହତ ୮ଜଣ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଜମିଜମା ସହ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ଘଟିଥିବା ପୋଲିସ ସୂଚନା ଦେଇଛି।

## ମିଶନ ବାତ୍ସଲ୍ୟ ଅନ୍ତର୍ଭୁକ୍ତ ଶିଶୁ ସୁରକ୍ଷା ନେଇ ଆଲୋଚନା

ଧାମନଗର, ୨୦।୩ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଗୁରୁବାର ପୂର୍ବାହ୍ଣ ୧୧ଟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଏହି ଯୋଜନା ଅନ୍ତର୍ଭୁକ୍ତ ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକ, ଚିକିତ୍ସାଧିକାରୀ ଡା. ମନ୍ମୟ ସାମନ୍ତସିଂହାର, ସିଡିପିଓ ଦମୟନ୍ତୀ ଦେଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଯଶୋଦା ସାହୁ, ବିପିସି ସୁବ୍ରତ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିରଞ୍ଜୀବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ପୃଷ୍ଠପୋଷକତା, ଆଶୀର୍ବାଦ ଓ ଯଶୋଦା ଭଳି ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା ସମ୍ପର୍କିତ ଏବଂ ଅବହେଳିତ, ଅସୁରକ୍ଷିତ ଶିଶୁମାନଙ୍କୁ ତ୍ୱରିତ ସେବା ପାଇଁ ଚାଇଲ୍ଡ ହେଲ୍ପ ଲାଇନ ନମ୍ବର ୧୦୯୮ର ବ୍ୟବହାର ସମ୍ବନ୍ଧରେ ଅବଗତ କରାଯାଇଥିଲା। ସୁରକ୍ଷା ଅଧିକାରିଣୀ (ଅଣଆନୁଷ୍ଠାନିକ) ସ୍ୱାଗତିକା ବାରିକ ଶିଶୁମାନଙ୍କ ପାଇଁ ବିଭିନ୍ନ ତାଲିମ ଓ ବୈଷୟିକ ଶିକ୍ଷା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ସଭାରେ ବହୁ ହିତାଧିକାରୀ ଶିଶୁ ଓ ଅଭିଭାବକଙ୍କ ସମେତ ସୁପରଭାଇଜର, ମିଶନ ଶକ୍ତି ମହିଳା, ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଶିଶୁ ବିକାଶର ମହିଳା ପରିଦର୍ଶିକା ସରୋଜିନୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଜଳିଗଲା ୨ ବଖରା

ଚାନ୍ଦବାଲି,୨୦।୩ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ଭୂଇଁମୁଣ୍ଡି ପଞ୍ଚାୟତ ଗରିପୁର ଗ୍ରାମର ରାଜୀବ ଦାସ ଓ ଅଜୟ ଦାସଙ୍କ ଘରେ ଗୁରୁବାର ଅପରାହ୍ନ ୩ଟା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଏହା ପ୍ରଭାବରେ ଗ୍ୟାସ୍ ଟାଙ୍କି ଫାଟିଯିବାରୁ ୨ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ଆସବାବପତ୍ର ସହ ଚାଉଳ, ଟଙ୍କା, ସୁନା, ରୁପା ଆଦି ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଚାନ୍ଦବାଲି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗଡ଼ିଲା 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା ରଥ

ଭଦ୍ରକ,୨୦।୩(ସନାତନ ରାଉତ)

ଝିଅମାନଙ୍କୁ ସମାନ ଅଧିକାର ଦେବା, ସମ୍ମାନ ଦେବା, ଭ୍ରୁଣହତ୍ୟା ବନ୍ଦ, ଲିଙ୍ଗ ନିରୂପଣ ନ କରିବା, ପାଠ ପଢ଼ାଇ ଶିକ୍ଷିତ କରିବା ଆଦି ସଚେତନତା ବାର୍ତ୍ତା ନେଇ ଗୁରୁବାର ସକାଳ ୯ଟାରେ ଭଦ୍ରକରେ 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଙ୍ଗନୱାଡି କର୍ମୀ, ଯୁବତୀ ଓ ମହିଳାମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ। ଏହି ରଥ ଆଗାମୀ ଦିନରେ ଜିଲାର ସବୁ ବ୍ଲକରେ ଗଡ଼ିବ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କାର୍ଯ୍ୟକ୍ରମର ଆୟୋଜକ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପଲତା ପାତ୍ର, ସଂଯୋଜିକା ଜିଲା ମହିଳା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଶୋଭାଯାତ୍ରା ପରେ ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତାଧର୍ମୀ କର୍ମଶାଳା ଆୟୋଜନ କରାଯାଇଥିଲା। ପୋଷଣର ଜିଲା ସଂଯୋଜକ ସେକ୍ ସିରାଜ ଅଖତରଙ୍କ ମଞ୍ଚ ପରିଚାଳନାରେ ମହିଳା ସୁରକ୍ଷା ଅଧିକାରୀ ସ୍ୱାଗତ ଭାଷଣ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରିଣୀ କାର୍ଯ୍ୟକ୍ରମର ଆଭିମୁଖ୍ୟ, ସମସ୍ତଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଡିଏମ୍‌ଓ ଡା. ଜୟନ୍ତ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଖାଉଟି ସୁରକ୍ଷା ମଞ୍ଚର ସଭାପତି ଆଇନଜୀବୀ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସମାଜ ଓ ପରିବାର ପାଇଁ କନ୍ୟା ସନ୍ତାନର ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ କର୍ମଚାରୀ ମିଳିତ ଚଢ଼ାଉ କରି ଗୁରୁବାର ସକାଳ ୮ଟାରେ କାଞ୍ଚାରି ନଦୀର କେନ୍ଦୁଆପଡ଼ା ଘାଟରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକଟ ଜବତ କରି ଆଣି ପାଟଣା ରେଞ୍ଜ କାର୍ଯ୍ୟାଳୟରେ ରଖିଛନ୍ତି। ବନ କର୍ମଚାରୀ ଙ୍କୁ ଦେଖି ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଥିଲେ। ଏହି ଚଢ଼ାଉରେ ଏସିଏଫ କେ.ନାଗାରାଜୁ, ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଫରେଷ୍ଟର ପିଥନ ନାଏକ, ଭୂପତି ସେଠୀ ଓ ଏପିଆର୍ ଫୋର୍ସ ସାମିଲ ହୋଇଥିଲେ।

**କେନ୍ଦୁଝର**

## ଆନନ୍ଦପୁର ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ପାଳିତ

ଆନନ୍ଦପୁର, ୨୦।୩(ସୁଶାନ୍ତ କୁମାର ସାହୁ): ଆନନ୍ଦପୁର ଉପଖଣ୍ଡ ଅଧୀନ ଘସିପୁରାଠାରେ ଗୁରୁବାର ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ଆୟୋଜିତ ହୋଇଥିଲା। ଏଥିରେ ଆନନ୍ଦପୁର ଉପଖଣ୍ଡରେ ଥିବା ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ଉପଜିଲାପାଳ ନୀଳମାଧବ ସୁନା, ଆଇପିଏସ୍ ରାକେଶ ସାହୁ, ହାଟଡିହୀ ବିଡିଓ ରଞ୍ଜନ କୁମାର ପରିଡା, ହାଟଡିହୀ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ଆଡିଶନାଲ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ, ବିଡିଓ ମନୋଜ ମହାନ୍ତ, ତହସିଲଦାର ଡକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଘସିପୁରା ବିଡିଓ ବିନିତା ବିଜୟିନୀ, ଘସିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁ, ଆଡିଶନାଲ ତହସିଲଦାର ପ୍ରଫୁଲ୍ଲ କୁମାର ଛୁରା, ନନ୍ଦିପଦା ଆଇଆଇସି ରବୀନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ପଖାଳ ଭୋଜନ କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

କେନ୍ଦୁଝର, ୨୦।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)



ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବାହାରିଥିବା ରାଲି।

ଭାରତୀୟ ମଜଦୁର ସଂଘ ଅଧୀନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର କେନ୍ଦୁଝର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ପୂର୍ବାହ୍ନରେ ଜିଲା ମୁଖ୍ୟାଳୟରେ ରାଲି ଓ ବିକ୍ଷୋଭ କରାଯାଇଛି। ଆସାମର ଗୌହାଟିରେ ଅନୁଷ୍ଠିତ ୧୪୮ତମ ଭାରତୀୟ କାର୍ଯ୍ୟକାରିଣୀ କମିଟି ବୈଠକରେ ଗ୍ରହୀତ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ଗତ ଜାନୁଆରୀରେ ପ୍ରାକ୍ ବଜେଟ ବୈଠକରେ ଅର୍ଥମନ୍ତ୍ରୀଙ୍କୁ ଦିଆଯାଇଥିବା ପରାମର୍ଶଗୁଡ଼ିକ ଆଶାନୁରୂପ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନାହିଁ। ଉପସ୍ଥାପିତ ବଜେଟ ଇପିଏସ୍-୯୫ର ୭୫ ଲକ୍ଷରୁ ଅଧିକ ପେନ୍ସନଭୋଗୀଙ୍କୁ କୌଣସି ଆଶ୍ୱସ୍ତି ଦେଇନାହିଁ। ଫଳରେ ସେମାନଙ୍କ ମଧ୍ୟରେ ବଡ଼ ନିରାଶା ରହିଛି ବୋଲି ଦର୍ଶାଯାଇଛି। ଅଙ୍ଗନୱାଡି, ଆଶା, ମଧ୍ୟାହ୍ନଭୋଜନ ପରି ଯୋଜନାରେ କାମ କରୁଥିବା କର୍ମୀ, ବିଡ଼ି, ବଗିଚା, ଚା' ବଗିଚା ଶ୍ରମିକ, କୃଷିଶ୍ରମିକ ଏବଂ ଖଣି ଶ୍ରମିକ ଭଳି ଅସଙ୍ଗଠିତ ଶ୍ରମିକଙ୍କୁ ମଧ୍ୟ ଅବହେଳା କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସର୍ବନିମ୍ନ ୫୦୦୦ ଟଙ୍କା ପେନ୍ସନ, ଅବସର ପରେ ଦରମାର ୫୦ ପ୍ରତିଶତ ସହ ମହଙ୍ଗା ସହାୟତା, ଇପିଏଫ୍ ଦରମା ସୀମା ୧୫, ୦୦୦ରୁ ୩୦,୦୦୦ ଟଙ୍କା, ଇଏସ୍ଆଇସି ଦରମା ସୀମା ୨୧,୦୦୦ରୁ ୪୨,୦୦୦ ଟଙ୍କାକୁ ବୃଦ୍ଧି, ସାର୍ବଜନୀନ ସମ୍ପତ୍ତି ବିକ୍ରୟ ତୁରନ୍ତ ବନ୍ଦ, ବୀମା/ଆର୍ଥିକ କ୍ଷେତ୍ରରେ ୧୦୦ ପ୍ରତିଶତ ବିଦେଶୀ ନିବେଶକୁ ନିଷିଦ୍ଧ କରିବା, ଯୋଜନା କର୍ମୀମାନଙ୍କୁ ସରକାରୀ କର୍ମଚାରୀଙ୍କ ପରି ସମାନ ଦରମା ଏବଂ ସାମାଜିକ ସୁରକ୍ଷା, ଅସଙ୍ଗଠିତ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍ଧ କରାଯିବା ଆଦି ଦାବି ରହିଛି।

## ଜଙ୍ଗଲ ସୁରକ୍ଷା ନେଇ ପାଲା ମାଧ୍ୟମରେ ସଚେତନତା

ଛେନାପଦି, ୨୦।୩(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହଦଗଡ଼ ବନ୍ୟପ୍ରାଣୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶକ୍ରମେ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ହଦଗଡ଼ ସେକ୍ସନର ହଦଗଡ଼, ହରଡ଼ବାଡ଼ି, କାଳିଆମ୍ବ, ଲାଖବିନ୍ଧା, ପୋଡ଼ାସିଙ୍ଗିଡ଼ି ଗଡ଼ଚଣ୍ଡୀ, ଡ଼ଙ୍ଗାବୁଆ ଭଳି ବିଭିନ୍ନ ସ୍ଥାନ ସହ କାଠକଟା ସେକ୍ସନର କଣ୍ଟିପାଳ, କାଠକଟା, ସୁଜୁନାପାଳ, ବାହିଆ ବାରଦଣ୍ଡା, ଡଙ୍ଗାବାହିଆ ଆଦି ସ୍ଥାନମାନଙ୍କରେ ଜଙ୍ଗଲକୁ କିଭଳି ନିଆଁ ଦାଉରୁ ରକ୍ଷା କରିହେବ ଏବଂ ତତସହିତ ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁ ସୁରକ୍ଷା, ପରିବେଶ ସୁରକ୍ଷା, ଶିକାର ନ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା ଭଳି ବାର୍ତ୍ତାକୁ ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ମାଧ୍ୟମରେ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁ, ବନରକ୍ଷୀ ରଶ୍ମିରଞ୍ଜନ ରାଉତ, ଜ୍ୟୋତିରଞ୍ଜନ ମାଝୀ, ତପସ୍ୱିନୀ ଜେନା, ଆମ ଜଙ୍ଗଲ ଯୋଜନାର କାର୍ଯ୍ୟକର୍ତ୍ତା ବିଜୟ କୁମାର ସା, ବିବେକାନନ୍ଦ ପଣ୍ଡା, ଯୋଗ ଦେଇଥିଲେ।

## ବିଶ୍ୱ ପଖାଳ ଦିବସ

ଚମ୍ପୁଆ, ୨୦।୩(ମହେଶ୍ୱର ଦାସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ଚମ୍ପୁଆ ଉପଖଣ୍ଡ ପକ୍ଷରୁ ଗୁରୁବାର ଅପରାହ୍ନ ୨ଟାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ତଥା ଉପଜିଲାପାଳ ଉମାକାନ୍ତ ପରିଡ଼ା ଓ ସମ୍ପାଦକ ଭକ୍ତବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଳିତ ଏହି ବିଶ୍ୱ ପଖାଳ ଦିବସରେ ସ୍ଥାନୀୟ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି, ପୂର୍ବତନ ସୈନିକ ସଂଘ, ଆଇନଜୀବୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ପରୀପ୍ରେକ୍ଷୀରେ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଏହି ଦିବସ ପାଳନ କରାଯିବା ସହ ନିମନ୍ତ୍ରିତ ଅତିଥିମାନଙ୍କୁ ପଖାଳ ସହ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପରଷା ଯାଇଥିଲା।

## ଯୋଡ଼ାରେ ବିଶ୍ୱ ପଖାଳ ଦିବସ

ଯୋଡା, ୨୦।୩(ମାନସ ମହାନ୍ତି)


ମହିଳାମାନେ ପଖାଳ ଖାଉଛନ୍ତି।

କେନ୍ଦୁଝର ଜିଲା ଯୋଡା ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ଉତ୍କଳ ଦିବସ ସେବା ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ପକ୍ଷରୁ ଆଜାଦ ବସ୍ତି ଶିବ ମନ୍ଦିର ପ୍ରାଙ୍ଗଣରେ ଏହି ପଖାଳ ଦିବସ ପାଳନ କରାଯାଇ ଥିଲା। ପରିଷଦ ସଭାପତି ରଞ୍ଜିତ ମହାକୁଡ, ସମ୍ପାଦକ ଲୁଲୁ ମହାପାତ୍ର, କେନ୍ଦୁଝର ଏମ୍‌ପି ଯୋଡ଼ା ପ୍ରତିନିଧି ବି.ଏନ୍. ଦାସ ପ୍ରମୁଖ ଏହି ପଖାଳ ଦିବସ ଆୟୋଜନ କରିଥିଲେ। ଏଥିରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଖାଳ ସହିତ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପରସା ଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଯୋଡା ସହରର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏଥିରେ ଯୋଗଦେଇ ଦହି ପଖାଳ ସହିତ ବିଭିନ୍ନ ଭଜା ଭାଜି ବଡିଚୁରାର ଭରପୁର ମଜା ଉଠାଇଥିଲେ। ଟ୍ରଷ୍ଟ ସଦସ୍ୟ ପ୍ରକାଶ ମହାନ୍ତି, ବେଣୁଧର ବେହେରା, ମନୀନ୍ଦ୍ର ସୁନ୍ଦର ବାରିକ, ବରିଷ୍ଠ ନାଗରିକ ପୁରୁଷୋତ୍ତମ ଦାସ, ସିଦ୍ଧାର୍ଥ କର, ଚର୍ଚ୍ଚିଲ ମହାକୁଡ ପ୍ରମୁଖ ଏହି ପଖାଳ ଦିବସ ଆୟୋଜନ କରିଥିଲେ। ଏହି ପଖାଳ ଦିବସରେ ଯୋଡା ପୌରପାଳିକା ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଓ ଉପାଧକ୍ଷା ସନ୍ଧ୍ୟା ପାତ୍ର ଯୋଗ ଦେଇଥିଲେ।

## ଅଭିଯୁକ୍ତ ସମିତି ସମ୍ପାଦକଙ୍କୁ ଧରିପାରୁନି ପୋଲିସ

**୫ ବର୍ଷ ୯ ମାସ ବିତିଲା**
**ଜାମିନବିହୀନ ଗିରଫ ପରୱାନା**

ହାଟଡିହି, ୨୦।୩(ଶୁଭକାନ୍ତ ନାୟକ)

ଏକ ଚେକ୍ ବାଉନ୍ସ ମାମଲାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ମରେଗାଁ ସେବା ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀଙ୍କ ନାମରେ ଆନନ୍ଦପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଦୀର୍ଘ ବର୍ଷ ହେବ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ନନ୍ଦିପଦା ଥାନା ଏବଂ ସମ୍ପାଦକ ସେଠୀ କାର୍ଯ୍ୟ କରୁଥିବା ସମିତି କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ ରହିଛି। କିନ୍ତୁ ସମ୍ପାଦକ ସେଠୀଙ୍କୁ ନନ୍ଦିପଦା ପୋଲିସ ଧରିପାରୁନାହିଁ। ଥାନା ଇନ୍‌ସ୍ପେକ୍ଟର ରବୀନ୍ଦ୍ର ପାତ୍ର କହିଛନ୍ତି, ଏନ୍‌ବିଡବ୍ଲ୍ୟୁ ଜାରି ବାବଦରେ କୌଣସି ପତ୍ର ସେ ପାଇନାହାନ୍ତି। ଅଭିଯୋଗକାରୀ ବିଜୟ କୁମାର ମଲ୍ଲିକଙ୍କ ଓକିଲ କ୍ଷୀରୋଦ ତ୍ରିପାଠୀ କହିଛନ୍ତି, ଦ୍ୱିତୀୟ ଥର ପାଇଁ କୋର୍ଟ ତରଫରୁ ଜାରି ହୋଇଥିବା ଏନ୍‌ବିଡବ୍ଲ୍ୟୁ ପତ୍ର ଥାନାକୁ ଦୀର୍ଘ ବର୍ଷ ହେବ ଯାଇଛି। କିନ୍ତୁ ପୋଲିସ ସମ୍ପାଦକ ସେଠୀଙ୍କୁ ଧରୁନାହିଁ କି କୋର୍ଟରେ ହାଜର କରାଉନାହିଁ। ପ୍ରତିପକ୍ଷ ଓକିଲ ଭଗବାନ ମଲ୍ଲିକ କହିଛନ୍ତି, ସମ୍ପାଦକ ସେଠୀଙ୍କ ତରଫରୁ ସେ ମାମଲା ଲଢୁଥିଲେ। କିନ୍ତୁ ଏବେ ଆଉ ମାମଲା ଲଢୁନାହାନ୍ତି।

ସୂଚନାଯୋଗ୍ୟ, ନନ୍ଦିପଦା ଥାନା ଅଧୀନ ମଠ କୁଣ୍ଡିସାହି ଗ୍ରାମର ନିତ୍ୟାନନ୍ଦ ମଲିକଙ୍କ ପୁଅ ବିଜୟ ଆନନ୍ଦପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସମିତି ସମ୍ପାଦକ ସେଠୀଙ୍କ ନାମରେ ଏକ ଚେକ୍ ବାଉନ୍ସ ମାମଲା(ନଂ. ୧ସିସି -୨୯୪/୨୦୧୫) ଦାୟର କରିଥିଲେ। ଆବଶ୍ୟକସ୍ଥଳେ ସମ୍ପାଦକ ସେଠୀ କୋର୍ଟରେ ହାଜର ନ ହେବାରୁ ତାଙ୍କ ନାମରେ ୨୦୧୯ ମେ ୧୬ରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଇତିମଧ୍ୟରେ ୫ ବର୍ଷ ୯ ମାସ ବିତିସାରିଲାଣି। କିନ୍ତୁ ଅଭିଯୁକ୍ତ ସମ୍ପାଦକ ସେଠୀ ଖୁଲମଖୁଲା ବୁଲୁଥିଲେ ମଧ୍ୟ ନନ୍ଦିପଦା ପୋଲିସ ତାଙ୍କୁ ଧରୁନାହିଁ କି କୋର୍ଟରେ ହାଜର କରିପାରୁନାହିଁ। ଚଳିତ ମାର୍ଚ୍ଚ ୨୧ରେ ଉକ୍ତ ମାମଲା ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ତେବେ ଉକ୍ତ ପ୍ରସଙ୍ଗକୁ ନେଇ ନାନା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ ମାମଲାରେ ପ୍ରଥମେ ୨୦୧୮ ମାର୍ଚ୍ଚ ୧୯ରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଅଭିଯୁକ୍ତ ସମ୍ପାଦକ ସେଠୀ ଏଥିରୁ ବର୍ତ୍ତିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲା (ନଂ. ଆର୍‌ଏଲ୍‌ଏମ୍‌ସି-୨୧୦୧/୨୦୧୮)କୁ ଶୁଣାଣିକରି ୨୦୧୮ ଅଗଷ୍ଟ ୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ସମ୍ପାଦକ ସେଠୀ ଆନନ୍ଦପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଜାମିନରେ ଯାଇଥିଲେ।

## ଅଣଓଡ଼ିଆ ଅତିଥିଙ୍କୁ ଦହି ପଖାଳ



ଅତିଥିମାନେ ପଖାଳ ଖାଉଛନ୍ତି।

ବଡବିଲ, ୨୦।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ପକ୍ଷରୁ ଗୁରୁବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଭିନ୍ନ ଭାଷାଭାଷୀ ଓ ସମ୍ପ୍ରଦାୟର ଲୋକମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବଡ଼ବିଲ ଥାନା ଆଇଆଇସି ଅଶୋକ ନାୟକ, ମୁଖ୍ୟବକ୍ତା ଭାବେ ବଡ଼ବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପକ ଡ. ଅସିତ ପ୍ରଧାନ ଯୋଗଦେଇ ଓଡ଼ିଆଙ୍କ ନିତି ଦିନିଆ ଖାଦ୍ୟ ପଖାଳ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ଭାଷାଭାଷୀ ଓ ସମ୍ପ୍ରଦାୟରୁ ଶତାଧିକ ଅତିଥି ଏହି ଉତ୍ସବରେ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ୧୫ ପ୍ରକାରର ବ୍ୟଞ୍ଜନ ପରଷା ଯାଇଥିଲା।

**ମୟୂରଭଞ୍ଜ**

### ସଂକ୍ଷେପରେ

## ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୦।୩ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ବାରୁଡ଼ି ଗ୍ରାମରେ ଜଣେ ଯୁବତୀ ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଏକ ଅପମୃତ୍ୟୁ ମାମଲା(ନଂ.୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତା ଯୁବତୀ ଜଣକ ହେଲେ ଅନିତା ବାରିକ (୨୨)। ବୁଧବାର ପୂର୍ବାହ୍ନ ୧୧ଟା୩୦ରେ ସେ ନିକଟସ୍ଥ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବୁଡ଼ି ଯାଇଥିଲେ।

## ଉଡ଼ା ପର୍ବ ପାଇଁ ପ୍ରସ୍ତୁତି ବୈଠକ

ଠାକୁରମୁଣ୍ଡା, ୨୦।୩
(ତାରାକାନ୍ତ ପଟ୍ଟନାୟକ)

ଆସନ୍ତା ୧୪ ତାରିଖ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡାଠାରେ ଥିବା ମା' ବାସୁଳି ପୀଠରେ ହେବାକୁ ଥିବା ଉଡ଼ା ପର୍ବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଠାକୁରମୁଣ୍ଡା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ତଥା ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କରଙ୍କ ସଭାପତିତ୍ୱରେ ବିଡିଓ ସ୍ୱପ୍ନେଶ୍ୱର ବେହେରା, କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଅବକାରୀ ଥାନା ଅଧିକାରିଣୀ ଭାରତୀ ନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଉପସ୍ଥିତ ଥିଲେ। ଏଥିରେ ଉଡ଼ା କମିଟିର ସମ୍ପାଦକ ଶିରିଷ ଚନ୍ଦ୍ର ଦେହୁରୀ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ, ସହ ସମ୍ପାଦକ ଶରତ ନାଏକଙ୍କ ସମେତ ଉଡ଼ା କମିଟିର ସଦସ୍ୟ ଓ ଗଣ ମାଧ୍ୟମର ପ୍ରତିନିଧି, ସ୍ଥାନୀୟ ଲୋକମାନ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ବର୍ଷ ଉଡ଼ା ପର୍ବ ଖର୍ଚ୍ଚର ଆୟ ବ୍ୟୟର ବିବରଣୀ ସମ୍ପାଦକ ପ୍ରଦାନ କରିଥିଲେ।

# ଥାନାରେ ପଶି ତାଣ୍ଡବ ରଚିଲେ କିନ୍ନର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ରାଇରଙ୍ଗପୁର(ମାନସ ମହାନ୍ତି), ୨୦।୩


ଉଗ୍ର୍ୟକ୍ତ କିନ୍ନରମାନେ ଥାନାର ଜଣେ କର୍ମଚାରୀଙ୍କୁ ମାଡ଼ ମାରୁଛନ୍ତି।

ପୋଲିସ ଏତଲା ନ ରଖିବାରୁ ଝାଡ଼ଖଣ୍ଡ ଅଞ୍ଚଳର କିନ୍ନରମାନେ ଗୁରୁବାର ମୟୂରଭଞ୍ଜ ଜିଲା ବହଳଦା ଥାନାରେ ପଶି ତାଣ୍ଡବ ରଚିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ଥାନାଧିକାରୀଙ୍କୁ ଟଣାଓଟରା କରିବା ସହ କେତେଜଣ କର୍ମଚାରୀଙ୍କୁ ମାଡ଼ ମଧ ମାରିଥିଲେ। ମିଳିତ ଭାବେ ଥାନା ଚେୟାର, ଟେବୁଲ ଭାଙ୍ଗିବା ସହ କାଗଜପତ୍ର ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଓ ଅପାରଗତାକୁ ପଦାରେ ପକାଇଛି।

ସୂଚନାଯୋଗ୍ୟ, ବହଳଦା ଥାନା ଅଞ୍ଚଳର ଜଣେ କିନ୍ନରଙ୍କ ଭଉଣୀ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣକ କିନ୍ନରଙ୍କ ଭଉଣୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଭାଇରାଲ କରିଥିବା ନେଇ ସେମାନେ ପ୍ରଥମେ ଝାଡ଼ଖଣ୍ଡ ରାଜନଗର ଥାନାକୁ ଯାଇଥିଲେ। ସେଠାରେ ପୋଲିସ ଘଟଣା ଘଟିଥିବା ଥାନାକୁ ଯାଇ ଏତଲା ଦେବାକୁ କହିଥିଲେ। ଏହାକୁ ନେଇ କିନ୍ନରମାନେ ଏକଜୁଟ ହୋଇ ବୁଧବାର ମଧ୍ୟାହ୍ନରେ ବହଳଦା ଥାନାରେ ପହଞ୍ଚିଥିଲେ। ୩ ଘଣ୍ଟା ଧରି ପୋଲିସ ସେମାନଙ୍କ ଅଭିଯୋଗକୁ ଅଣଦେଖା କରିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା। ସେମାନେ ପୋଲିସ କର୍ମଚାରୀଙ୍କୁ ମାଡ଼ମାରିବା ସହ ନିଜର ଅନ୍ତଃବସ୍ତ୍ର ଖୋଲି ତାଣ୍ଡବ ରଚିଥିଲେ। ଥାନା ଅଧିକାରୀଙ୍କୁ ଠେଲାପେଲା କରୁଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ଏଭଳି ଘଟଣାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଥାନାଧିକାରୀ ଜଗନ୍ନାଥ ମୁଣ୍ଡାଙ୍କୁ ପଚାରିବାରୁ କିନ୍ନରମାନେ କୌଣସି କଥା ଶୁଣି ନ ଥିଲେ, ଯାହାକୁ ନେଇ ପୋଲିସ ଅଡୁଆରେ ପଡ଼ିଥିଲା ବୋଲି କହିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୪୬/୨୫) ରୁଜୁ କରିଥିବା ସୂଚନା ଦେଇଛି।

## ପୂର୍ବତନ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ୨ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବାରିପଦା, ୨୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଦୁର୍ନୀତି ନିବାରଣ(ଭିଜିଲାନ୍ସ) କୋର୍ଟରେ ଗୁରୁବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାରକରି ଦୋଷୀଙ୍କୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧ ଲକ୍ଷ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ତୁଳସୀଚଉରାସ୍ଥିତ ପୂର୍ବତନ ଜିଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ।

ମାମଲାର ବିବରଣୀ ଅନୁଯାୟୀ, ୨୦୦୯ ଜାନୁଆରୀ ୨୧ରେ ମୟୂରଭଞ୍ଜ ଜିଲାର ତତ୍କାଳୀନ ଜିଲା ପଞ୍ଚାୟତ ଅଧିକାରୀ ବଂଶୀଧରଙ୍କ ଘର ଓ ବିଭିନ୍ନ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆୟ ଆୟ ବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଜବତ କରିଥିଲା। ଏନେଇ ବାରିପଦା ଭିଜିଲାନ୍ସ ବିଭାଗ ଏକ ମାମଲା ଭିଜିଆର୍ ୧୨/୨୦୦୯ ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ପରିଚାଳନା କରୁଥିଲେ।

## ସରକାରୀ ଅଧିକାରୀଙ୍କୁ ମାଡ଼ ଅଭିଯୋଗ

ଗୋପବନ୍ଧୁ ନଗର, ୨୦।୩
(ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକରେ କାର୍ଯ୍ୟରତ ଜଣେ ସରକାରୀ କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ନେଇ ଖୁଣ୍ଟା ଥାନାରେ ଏକ ମାମଲା(ନଂ.୮୨/୨୫) ରୁଜୁ ହୋଇଛି। ଗୋପବନ୍ଧୁ ନଗର ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସରଦାର ସିଂ ବୁଧବାର ଆରପଟା ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ କରିବାକୁ ଆସିଥିଲେ। ତେବେ ସେ କାର୍ଯ୍ୟସାରି ଫେରିବା ବେଳକୁ ଟିକାୟତପୁର ଗ୍ରାମର ଆଲାଜି ସିଂ ଓ ତାଙ୍କ ସହଯୋଗୀ ବାଦଲ ମାଝୀ ତାଙ୍କୁ ରାସ୍ତାରେ ଅଟକାଇ ତାଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇଥିଲେ। ତେବେ ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଥିଲା। ଫଳରେ ଉଭୟ ଆହତ ହୋଇଥିବା ଜଣାପଡିଛି। ସରଦାର ସିଂଙ୍କୁ କୁଆମରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ଏନେଇ ଆଲାଜିଙ୍କୁ ପଚାରିବାରୁ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ୨ ମାସ ହେବ ବଦଳି ହୋଇଯାଇଛି। ମାତ୍ର ତାଙ୍କୁ କାହିଁକି ଏଠାରୁ ରିଲିଫ କରାଯାଉନାହିଁ ବୋଲି ପଚାରିବାରୁ ଅଧିକାରୀ ଜଣକ ଦୁର୍ବ୍ୟବହାର ପ୍ରର୍ଶନ କରିଥିଲେ ବୋଲି କହିଥିଲେ। ଫଳରେ ଗଣ୍ଡଗୋଳ ଘଟିଥିଲା। ଆଲାଜୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ପାଲଟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

## 'ସ୍ୱଚ୍ଛ ଶାସନ ପାଇଁ ସୂଚନା ଅଧିକାର ଆଇନର ଭୂମିକା ଗୁରୁତ୍ୱପୂର୍ଣ୍ଣ'



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଜିଲାସ୍ତରୀୟ କର୍ମଶାଳା, ପ୍ରଶିକ୍ଷଣ ଶିବିର**

ବାରିପଦା, ୨୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା, ୨୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ସୂଚନା ଅଧିକାର ଆଇନର ୨୦୦୫ର ଅଧିନିୟମ ୪(୧)(ବି )ର ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲପାଳ ନେତ୍ରାନନ୍ଦ ମଲ୍ଲିକ ଉପସ୍ଥିତ ରହି ସ୍ୱଚ୍ଛ ଓ ନିରପେକ୍ଷ ଶାସନ ନିମନ୍ତେ ସୂଚନା ଅଧିକାର ଆଇନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶୋଇ ତହସିଲଦାର ସତ୍ୟବାନ ନାୟକ, ଜିଲା ସଂଯୋଜକ କ୍ରିଷ୍ଣାନ୍ଦୁ ବିକାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଜିଲାର ବିଭିନ୍ନ ବିଭାଗରୁ ୧୦୦ରୁ ଉର୍ଦ୍ଧ୍ୱ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ କର୍ତ୍ତୃପକ୍ଷ ପ୍ରଶିକ୍ଷାର୍ଥୀ ଭାବେ ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱର ଲୁମିନିୟସରୁ ଆସିଥବା ସୂଚନା ଅଧିକାର ଆଇନର ବିଶାରଦ ତଥା ରାଜ୍ୟ ସାଧନ ବ୍ୟକ୍ତି ରଶ୍ମୀରଞ୍ଜନ ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଭାରପ୍ରାପ୍ତ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## 'ପ୍ରବନ୍ଧ ପଲ୍ଲବ' ପୁସ୍ତକ ଲୋକାର୍ପିତ

ମୋରଡ଼ା, ୨୦।୩(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପାଟପୁରଠାରେ ଅବସରପ୍ରାପ୍ତ ସାହିତ୍ୟ ଶିକ୍ଷକ ଅଜୟ କୁମାର ପାଳଙ୍କ ଦ୍ୱାରା ଲିଖିତ ପୁସ୍ତକ 'ପ୍ରବନ୍ଧ ପଲ୍ଲବ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିତ୍ରେଶ୍ୱରୀ ସାହିତ୍ୟ ସଙ୍ଘର ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ କୁମାର ଦଳବେହେରା, ବିଜ୍ଞାନ ନିରୀକ୍ଷକ ନଳୀନ କୁମାର ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ବସନ୍ତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପୁସ୍ତକଟିକୁ ସମୀକ୍ଷା କରିଥିଲେ ଚିତ୍ରଡା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡ. ଅର୍ଚ୍ଚନା ପ୍ରଧାନ। ଅବସରପ୍ରାପ୍ତ ଶିକ୍ଷକ ଭାଗବତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବାଶିଷ ମହାନ୍ତ, ବରେନ୍ଦ୍ର କୁମାର ଦାସ, ଅକ୍ଷୟ କୁମାର ପତି, ଦେବେନ୍ଦ୍ରନାଥ ମହାନ୍ତ, ସୀମାନ୍ତ କିଶୋର ପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

